ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ

**ODISHA POWER TRANSMISSION CORPORATION LIMITED**

**(A Government of Odisha Undertaking)**

**Regd.Office: Janpath: Bhubaneswar-751022.**

Telephone: (0674) 2540051 (EPABX), Website: www.optcl.co.in

CIN:U4102OR2004SGC007553

**PRESS RELEASE**

# ୧୫ ତମ ପାୱାର କପ୍ ଟାଇଟଲ ଜିତିଲା ଓପିଟିସିଏଲ୍



ଭୁବନେଶ୍ୱର/୧୨.୦୨.୨୦୨୦: ଆଜି ସ୍ଥାନୀୟ ରେଳବାଇ କ୍ରିକେଟ ଷ୍ଟାଡ଼ିୟମ ଠାରେ ଆୟୋଜିତ ୧୫ତମ ପାୱାର କପ୍ ଉଦଯାପିତ ହୋଇଯାଇଛି । ଓପଟିସିଏଲ୍ ସାଉଥକୋକୁ ଫାଇନାଲ ମ୍ୟାଚରେ ହରାଇ ୧୫ତମ ପାୱାର କପ୍ ଟାଇଟଲ ଜିତିଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶକ୍ତି ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ ବିଜେତା ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ୧୫୦୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । କ୍ରିକେଟ୍ ଖେଳ ଭଳି ଶକ୍ତି କ୍ଷେତ୍ରର ସମସ୍ତ ସଂସ୍ଥା ଗୋଟିଏ ଟିମ୍‌ରେ କାମ କରି ଓଡ଼ିଶା ଶକ୍ତି କ୍ଷେତ୍ରର ସମ୍ମାନ ଓ ପ୍ରତିଷ୍ଠାକୁ ବଜାୟ ରଖିବା ପାଇଁ ଶକ୍ତି ସଚିବ ଉଦବୋଧନ ଦେଇଥିଲେ । ଓପିଟିସିଏଲ୍ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୩୨ ରନ୍ କରିଥିଲା । ଏହାର ଜବାବରେ ସାଉଥକୋ ୨୦ ଓଭରରେ ୯ ୱିକେଟ ହରାଇ ମାତ୍ର ୧୦୭ ରନ କରିପାରିଥିଲ । ଓପିଟିସିଏଲ୍ ୨୫ ରନରେ୍ ଫାଇନାଲ ମ୍ୟାଚ୍ ଜିତି ଟାଇଟଲର ହକଦାର ହୋଇଥିଲା । ଓପିଟିସିଏଲ୍ ର ଅଭୟ ମଲ୍ଲିକ ୪୫ଟି ବଲରେ ୬୩ ରନ କରି ମ୍ୟାନ ଓଫ୍ ଦ ମ୍ୟାଚ୍ ପୁରସ୍କାର ପାଇଥିଲେ । ସେହିପରି ଶ୍ରୀ ମଲ୍ଲିକ ମଧ୍ୟ ପୁରା ଟୁର୍ଣ୍ଣାମେଂଟ୍‌ରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବାରୁ ଟୁର୍ଣ୍ଣାମେଂଟ୍ ର ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ଭାବେ ଶକ୍ତି ସଚିବ ବିଷ୍ଣୁପଦ ସେଠୀ ଓ ସମ୍ମାନିତ ଅତିଥି ଓଏଚ୍‌ପିସି ମାନବ ସମ୍ବଳ ନିର୍ଦ୍ଦେଶକ ପ୍ରବୋଧ କୁମାର ମହାନ୍ତି, ଓପିଟିସିଏଲ ଅର୍ଥ ମୁଖ୍ୟ ମହାପ୍ରବନ୍ଧକ ରମେଶ ଚନ୍ଦ୍ର ମିଶ୍ର, ପ୍ରକଳ୍ପ ମୁଖ୍ୟ ମହାପ୍ରବନ୍ଧକ ଗୋପାଳ ଚନ୍ଦ୍ର ପତି,ସୁରକ୍ଷା ମୁଖ୍ୟ ମହାପ୍ରବନ୍ଧକ ଶଙ୍କର କ୍ରିଷ୍ଣନ୍, ଅପରେସନ ମୁଖ୍ୟ ମହାପ୍ରବନ୍ଧକ ସ୍ୱରୁପ ହରିଚନ୍ଦନ, ଗ୍ରୀଡ଼କୋ ଅର୍ଥ ମୁଖ୍ୟ ମହାପ୍ରବନ୍ଧକ ଶ୍ରିନିବାସ ମହାପାତ୍ର ଏବଂ ଲୋଡ଼୍ ଡେସପାଚ୍ ମୁଖ୍ୟ ମହାପ୍ରବନ୍ଧକ ପ୍ରବୋଧ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ମାନବ ସମ୍ବଳ ମହାପ୍ରବନ୍ଧକ ଚନ୍ଦ୍ର ଶେଖର ପ୍ରଧାନଙ୍କ ନେତୃତ୍ୱରେ ଦିଲିପ କୁମାର ଜେନା , ସୁବ୍ରତ ନାୟକ,ପ୍ରଭାତ କୁମାର ଦାସ,ଚିତ ମିଶ୍ର,ସନ୍ତୋଷ ଦାଶ,ଉମାକାନ୍ତ ବଳିୟାର ସିଂ ପ୍ରମୁଖ ଟୁର୍ଣ୍ଣାମେଂଟ୍‌ର ସୁପରିଚାଳନା କରିଥିଲେ ।